# NATIONAL NEWS BULLETIN (ODIA)

**24 December - 2025**

**Morning Bulletin : 7.15 a.m.**

*******************************

## ମୁଖ୍ୟ ସମ୍ବାଦ

- ନକଲି ବିହନ ଏବଂ କୀଟନାଶକ ବିକ୍ରୟକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସଂସଦର ଆଗାମୀ ଅଧିବେଶନରେ ଆଗତ ହେବ ଦୁଇଟି ନୂତନ ବିଲ୍, କହିଲେ କୃଷି ମନ୍ତ୍ରୀ ।
- ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ଆଜି ଉତ୍କ୍ଷେପଣ ହେବ ବ୍ଲୁ ବାର୍ଡ୍ ବ୍ଲକ୍-ଟୁ ଯୋଗାଯୋଗ ଉପଗ୍ରହ ।
- ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟରେ ତିନୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରକାଶ ପାଇଛି ଚିଠା ତାଲିକା ।
- ବାଂଲାଦେଶରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘଟିତ ସଂଘର୍ଷରେ ୫ ଜଣଙ୍କର ମୃତ୍ୟୁ ।

ଏବଂ

- ବିଶାଖାପାଟଣା ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ୭ ଓ୍ୱିକେଟ୍‌ରେ ବିଜୟୀ ।

# ଚୌହାନ-ଆନାଉନ୍‌ସେସ୍ ଫାର୍ମ ଲଜ୍

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ନକଲି ବିହନ ଓ କୀଟନାସକ ବିକ୍ରୟକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସରକାର କଠୋର ଆଇନ୍ ପ୍ରଣୟନ କରିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ନାଗୌର୍ ଜିଲ୍ଲାର ମେର୍ତା ସହରଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷି ସମ୍ମିଳନୀକୁ ଗତକାଲି ସମ୍ବୋଧନ କରି ଶ୍ରୀ ଚୌହାନ କହିଛନ୍ତି, ସଂସଦର ଆଗାମୀ ଅଧିବେଶନରେ ଏ ସମ୍ପର୍କିତ ଦୁଇଟି ନୂତନ ବିଲ୍ ଆଗତ କରାଯିବ । ନିମ୍ନମାନର ବିହନ ଏବଂ କୀଟନାସକ ବିକ୍ରୟ କରୁଥିବା ବ୍ୟବସାୟୀ ଓ ପ୍ରତିଷ୍ଠାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ଏହି ବିଲ୍‌ରେ ରହିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରହିଥିବା ତ୍ରୁଟିକୁ ସୁଧାରିବା ପାଇଁ ସରକାର ପ୍ରୟାସ ଜାରି ରଖିଥିବା ଶ୍ରୀ ଚୌହାନ କହିଛନ୍ତି ।

**V/O-SHIVRAJ-SINGH-ON-BIMA**

ଶ୍ରୀ ଚୌହାନ କହିଛନ୍ତି, ବିକଶିତ ଭାରତ ଜି.ରାମ୍.ଜି. ଯୋଜନା ଉପରେ ହେଉଥିବା ନକାରାତ୍ମକ ପ୍ରଚାର ଭିତ୍ତିହୀନ । ଏହି ଯୋଜନା ଚାଷୀ ଏବଂ ଶ୍ରମିକଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନୁଦାନ ପତ୍ର ରାଜ୍ୟ ସରକାରଙ୍କୁ ଶ୍ରୀ ଚୌହାନ ପ୍ରଦାନ କରିଛନ୍ତି । ବିଭିନ୍ନ କଲ୍ୟାଣକାରୀ ଯୋଜନାର ହିତାଧିକାରୀଙ୍କୁ ସିଧାସଳଖ ଲାଭ ହସ୍ତାନ୍ତର କରାଯାଇଛି ।

# ଛତିଶଗଡ଼-ଜି ରାମ୍ ଜି

ବିକଶିତ ଭାରତ ଜି.ରାମ୍.ଜି. ଆଇନ୍ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଛତିଶଗଡ଼ରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯିବ । ଜାତୀୟ ପେସା ଦିବସ ପାଳନ ଅବସରରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ଆଜି ଏହି ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯିବ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୬ ତାରିଖ ଦିନ ଅନ୍ୟ ଗ୍ରାମପଞ୍ଚାୟତ ଗୁଡ଼ିକରେ ଗ୍ରାମସଭାର ଆୟୋଜନ କରାଯିବ । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ଦିଗରେ ଭି.ବି.ଜି.ରାମ.ଜି. ଆଇନ୍‌ର ଉପଯୋଗିତା ନେଇ ଗ୍ରାମସଭା ଗୁଡ଼ିକରେ ବିସ୍ତୃତ ଆଲୋଚନା କରାଯିବ ବୋଲି ରାଜ୍ୟ ସରକାର ସୂଚନା ଦେଇଛନ୍ତି ।

# ଇସ୍ରୋ-ବ୍ଲୁବର୍ଡ଼ ବ୍ଲକ୍-୨

ଆନ୍ଧ୍ରପ୍ରଦେଶର ଶ୍ରୀହରି କୋଟା ସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରୁ ଆଜି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବ୍ଲୁ ବାର୍ଡ଼ ବ୍ଲକ୍-ଟୁ ଯୋଗାଯୋଗ ଉପଗ୍ରହର ଉତ୍କ୍ଷେପଣ କରାଯିବ । ନ୍ୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍ ଏନ୍.ଏସ୍.ଆଇ.ଏଲ୍. ମାଧ୍ୟମରେ ଏଲ୍.ଭି.ଏମ୍.-ଥ୍ରୀ-ଏମ୍-ସିକ୍ସ ମିଶନ୍ ଅଧୀନରେ ସକାଳ ୮ଟା ୫୪ମିନିଟ୍‌ରେ ଏହି ଉତ୍କ୍ଷେପଣ କରାଯିବ । ଏଲ୍.ଭି.ଏମ୍.-ଥ୍ରୀ ହେଉଛି ଭାରତର ସବୁଠାରୁ ଶକ୍ତିଶାଳୀ ପ୍ରକ୍ଷେପଣ ଯାନ । ଷଷ୍ଠଥର ପାଇଁ ଏହି ଯାନ ବ୍ୟବହାର ମାଧ୍ୟମରେ ଉପଗ୍ରହ ଉତ୍କ୍ଷେପଣ କରାଯାଉଛି । ନିର୍ଭର ଯୋଗ୍ୟ ଏବଂ କମ୍ ଖର୍ଚ୍ଚରେ ବାଣିଜ୍ୟିକ ମହାକାଶ ଉତ୍କ୍ଷେପଣ କ୍ଷେତ୍ରରେ ଭାରତର ସଫଳତାକୁ ଏହା ସୁଦୃଢ଼ କରିବ । ବ୍ଲୁ ବାର୍ଡ଼

ବ୍ଲକ୍-ଟୁ ଉପଗ୍ରହକୁ ଆମେରିକାର ଏ.ଏସ୍.ଟି. ସ୍ପେସ୍ ମୋବାଇଲ୍ ଦ୍ୱାରା ବିକଶିତ କରାଯାଇଛି । ମହାକାଶରୁ ସିଧାସଳଖ ମୋବାଇଲ୍ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ପ୍ରଦାନ ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି ।

ସ୍ମାର୍ଟ୍‌ଫୋନ୍ ଗୁଡ଼ିକରେ ଫୋର୍-ଜି ଏବଂ ଫାଇଭ୍-ଜି ସେବାକୁ ଅଧିକ ସଶକ୍ତ କରିବାରେ ଏହି ଉପଗ୍ରହ ଉପଯୋଗୀ ସାବ୍ୟସ୍ତ ହେବ । ମହାକାଶ ଆଧାରିତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଶ୍ୱ ଡିଜିଟାଲ୍ କ୍ଷେତ୍ରକୁ ଏହି ଉପଗ୍ରହ ଯୋଗାଯୋଗ ବ୍ୟବସ୍ଥା ଅଧିକ ବ୍ୟାପକ କରିବ ବୋଲି ଜଣାପଡ଼ିଛି । ଏନ୍.ଏସ୍.ଆଇ.ଏଲ୍. ହେଉଛି ଏକ ବାଣିଜ୍ୟିକ ମିଶନ୍ ଯାହା ବିଶ୍ୱ ମହାକାଶ ବଜାରରେ ଭାରତକୁ ସୁଦୃଢ଼ ଭିତ୍ତି ପ୍ରଦାନ କରୁଛି ।

## ଇସି-ଏସ୍‌ଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟରେ ତିନୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଗତକାଲି ଚିଠା ତାଲିକା ପ୍ରକାଶ ପାଇଛି । ସେଗୁଡ଼ିକ ହେଉଛି, ଛତିଶଗଡ଼, ମଧ୍ୟପ୍ରଦେଶ, କେରଳ ଏବଂ ଆଣ୍ଡାମାନ ଓ ନିକୋବର । ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ଦ୍ୱିତୀୟ ପର୍ଯ୍ୟାୟର ପ୍ରକ୍ରିୟା ଗତମାସ ୪ ତାରିଖରେ ୯ଟି ରାଜ୍ୟ ଏବଂ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳରେ ଆରମ୍ଭ କରାଯାଇଥିଲା । ସେଗୁଡ଼ିକ ହେଉଛି – ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ପୁଡୁଚେରୀ, ଲାକ୍ଷାଦ୍ୱୀପ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ । ଆସନ୍ତା

ଫେବୃୟାରୀ ୧୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି କମିଶନ୍ କହିଛନ୍ତି ।

## ବାଂଲାଦେଶ

ବାଂଲାଦେଶରେ ଗତକାଲି ସଂଘଟିତ ଦୁଇଟି ଗୋଷ୍ଠୀ ମଧ୍ୟରେ ହିଂସାତ୍ମକ ଘଟଣାରେ ଅତି କମ୍‌ରେ ୫ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ନୋଆଖାଲିର ହାତିୟା ଉପଜିଲ୍ଲାରେ ଗତକାଲି ଘଟିଥିବା ଏହି ହିଂସାତ୍ମକ ଘଟଣାରେ ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ପୁଲିସ୍ ଦେଇଥିବା ସୂଚନା ଅନୁଯାୟୀ ମେଘନା ନଦୀରେ ନୂତନ ଭାବରେ ଦେଖାଦେଇଥିବା ଦ୍ୱିପାଞ୍ଚଳ ଜାଗଲାର୍ ଚାର୍ ଠାରେ ଏହି ହିଂସା ପ୍ରଥମେ ଆରମ୍ଭ ହୋଇଥିଲା । ଉଭୟ ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ମୃତକଙ୍କ ମଧ୍ୟରେ ଉଭୟ ଗୋଷ୍ଠୀର ନେତା ରହିଥିବା ପୁଲିସ୍ କହିଛି ।

ସରକାରୀ କର୍ତ୍ତୃପକ୍ଷ ୫ ଜଣଙ୍କର ମୃତ୍ୟୁକୁ ନିଶ୍ଚିତ କରିଥିବା ବେଳେ ମୃତକଙ୍କ ସଂଖ୍ୟା ଅଧିକ ହୋଇପାରେ ବୋଲି ସ୍ଥାନୀୟ ସୂତ୍ର ଦାବି କରିଛି । ପୁଲିସ୍ ଏବଂ ତଟରକ୍ଷୀ ବାହିନୀ ଗତକାଲି ଅପରାହ୍ଣରେ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହଗୁଡ଼ିକୁ ଉଦ୍ଧାର କରିଛନ୍ତି ।

## ଡିଆର୍‌ଡିଓ-ଆକାଶ

ପ୍ରତୀରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ ଡି.ଆର୍.ଡି.ଓ. ପରବର୍ତ୍ତୀ ପିଢ଼ି ଆକାଶ କ୍ଷେପଣାସ୍ତ୍ର (ଆକାଶ ଏନ୍.ଜି.)ର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ ପରୀକ୍ଷଣ ସଫଳତାର ସହ ଶେଷ କରିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ର ଗୁଡ଼ିକ ବିଭିନ୍ନ ଦୂରତା ଏବଂ ଉଚ୍ଚତାକୁ ସଫଳତାର ସହ ଅବରୋଧ କରିପାରିଥିଲା । ଆକାଶ ଏନ୍.ଜି. ହେଉଛି, ବିଭିନ୍ନ ପ୍ରକାର ଆକାଶପଥ ବିପଦର ମୁକାବିଲା ତଥା ବାୟୁ ପ୍ରତିରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରଣାଳୀ । ଏହା ହେଉଛି, ସ୍ୱଦେଶୀ ରେଡିଓ ଫ୍ରିକ୍ୱେନ୍ସି ଶିକର୍ ସହିତ ସମନ୍ୱିତ କରାଯିବା ସହିତ ଦୃଢ଼ ରକେଟ୍ ମୋଟର ଦ୍ୱାରା ପରିଚାଳିତ କ୍ଷେପଣାସ୍ତ୍ର ପ୍ରଣାଳୀ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳ ପରୀକ୍ଷଣ ପାଇଁ ଡି.ଆର୍.ଡି.ଓ., ଭାରତୀୟ ବାୟୁସେନା ଏବଂ ଶିଳ୍ପ ଅଂଶିଦାରଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରଣାଳୀ ଭାରତୀୟ ବାୟୁସେନାର ପ୍ରତିରକ୍ଷା କ୍ଷମତାକୁ ଅଧିକ ସୁଦୃଢ଼ କରିବ ।

## ଓଡ଼ିଶା ପେସା

ଓଡ଼ିଶାରେ ସବୁ ପଞ୍ଚାୟତରେ ପେସା ଆଇନ୍ କାର୍ଯ୍ୟକାରୀତା ନେଇ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଜାତୀୟ ପେସା ମହୋତ୍ସବ ଅବସରରେ ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମାଝୀ କହିଛନ୍ତି, ୧୯୯୬ ମସିହା ଡିସେମ୍ବର ୨୪ ତାରିଖରେ କାର୍ଯ୍ୟକାରୀ ହୋଇଥିବା ପେସା ଆଇନ୍ ଆଦିବାସୀ ଅଞ୍ଚଳରେ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆଦିବାସୀ ସମ୍ପ୍ରଦାୟର ଅଧିକ ଅଂଶଗ୍ରହଣକୁ ସୁନିଶ୍ଚିତ କରି ପେସା ଆଇନ୍ ଅଧୀନରେ ପଞ୍ଚାୟତ ନିର୍ବାଚନ ପରିଚାଳନା କରିବାରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି ବୋଲି ଶ୍ରୀ ମାଝୀ କହିଛନ୍ତି । ପଞ୍ଚାୟତରାଜ ମନ୍ତ୍ରଣାଳୟ ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ମିଳିତ ଭାବେ ଆୟୋଜିତ ହେଉଥିବା ଜାତୀୟ ପେସା ମହୋତ୍ସବ ଅବସରରେ ରାଜ୍ୟର ଅନୁସୂଚୀତ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟଙ୍କୁ ଶ୍ରୀ ମାଝୀ ଶୁଭେଚ୍ଛା ଜଣାଇଛନ୍ତି ।

## ସିଭିଲ୍-ଆଭିଏସନ୍

ଭାରତ ମର୍ଯ୍ୟାଦାପୂର୍ଣ୍ଣ ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ସଂଗଠନ ଆଇ.ସି.ଏ.ଓ. ପରିଷଦକୁ ପୁନଃ ନିର୍ବାଚିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିମାନ ଚଳାଚଳ କ୍ଷେତ୍ରରେ ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି ହାସଲ କରିଛି । ସଂଗଠନର ନୋ-କଣ୍ଟ୍ରି ଲେଫ୍ଟ୍ ବିହାଇଣ୍ଡ ଇନିସିଏଟିଭ୍ କାର୍ଯ୍ୟକ୍ରମ ପ୍ରତି ଭାରତର ସମର୍ଥନ ଉପରେ ଗତକାଲି ସମୀକ୍ଷା କରାଯାଇଛି ବୋଲି ଶ୍ରୀ ନାଇଡୁ କହିଛନ୍ତି । ବିଶ୍ୱସ୍ତରରେ ବିମାନ ଚଳାଚଳ କ୍ଷେତ୍ରରେ ଭାରତ ଏକ ପ୍ରମୁଖ ଅଂଶିଦାର

ହେବା ସହିତ ବିକାଶଶୀଳ ଦେଶଗୁଡ଼ିକୁ ସହାୟତା ପ୍ରଦାନ କରୁଛି ବୋଲି ସେ କହିଛନ୍ତି ।

## ଆର୍‌ବିଆଇ-ଲିକ୍ୟୁଡିଟି

ବ୍ୟାଙ୍କ୍ ବ୍ୟବସ୍ଥାରେ ଲିକ୍ୟୁଡିଟି ପରିସ୍ଥିତିକୁ ଅଧିକ କଠୋର କରିବା ଲକ୍ଷ୍ୟ ନେଇ ରିଜର୍ଭ ବ୍ୟାଙ୍କ୍ ଏକ ନୂତନ ପଦକ୍ଷେପ ଘୋଷଣା କରିଛି । ଆଗାମୀ ସପ୍ତାହରେ ଖୋଲା ବଜାର ଏବଂ ବିଦେଶୀ ମୁଦ୍ରା ଅଦଳବଦଳ ମାଧ୍ୟମରେ ପ୍ରାୟ ୩ ଟ୍ରିଲିୟନ୍ ଟଙ୍କାର ପାଣ୍ଠି ଯୋଗାଡ଼ କରିବା ଲକ୍ଷ୍ୟ ନେଇ ଆର୍.ବି.ଆଇ. ଏହି ଯୋଜନା ପ୍ରସ୍ତୁତ କରିଛି ।

ପ୍ରସ୍ତାବିତ ଯୋଜନା ଅନୁଯାୟୀ କେନ୍ଦ୍ରୀୟ ବ୍ୟାଙ୍କ୍‌ଗୁଡ଼ିକରେ ଉନ୍ମୁକ୍ତ ବଜାର ମାଧ୍ୟମରେ ୨ ଟ୍ରିଲିୟନ୍ ଟଙ୍କାର ସରକାରୀ ସିକ୍ୟୁରିଟି କ୍ରୟ କରାଯିବ । ଆସନ୍ତା ୨୯ ଜାନୁଆରୀ ୫, ୧୨ ଏବଂ ୨୨ ତାରିଖରେ ୫୦ ହଜାର କୋଟି ଟଙ୍କାର ୪ଟି ପର୍ଯ୍ୟାୟରେ ଏହା କ୍ରୟ କରାଯିବାକୁ ବ୍ୟବସ୍ଥା ହୋଇଛି । ଜାନୁଆରୀ ୧୩ ତାରିଖରେ ୧୦ ବିଲିୟନ୍ ଡଲାର୍‌ର ୩ ବର୍ଷର ଆମେରିକୀୟ ଡଲାର୍ ଏବଂ ଟଙ୍କା କ୍ରୟ ବିକ୍ରୟ ଅଦଳବଦଳ କରିବା ନେଇ ଆର୍.ବି.ଆଇ. ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ବ୍ୟାଙ୍କିଙ୍ଗ୍ ଲିକ୍ୟୁଡିଟି ବ୍ୟବସ୍ଥାକୁ ଏହା ଅଧିକ ମୁକ୍ତ କରିବ ବୋଲି ଆଶା କରାଯାଉଛି । ଚଳିତ ଡିସେମ୍ବର ମାସରେ ଏ ପର୍ଯ୍ୟନ୍ତ ବଣ୍ଡ୍ କ୍ରୟ ଏବଂ ବିଦେଶୀ ମୁଦ୍ରା ଅଦଳବଦଳ ମାଧ୍ୟମରେ ଆର୍.ବି.ଆଇ. ୧ ଦଶମିକ୍ ୪/୫ ଟ୍ରିଲିୟନ୍ ଟଙ୍କାର ସ୍ଥାୟୀ ଲିକ୍ୟୁଡିଟି ପ୍ରଦାନ କରିଥିବା ଜଣାପଡ଼ିଛି ।

# ୱିମେନ୍-ଟି-ଟ୍ୱେଣ୍ଟି କ୍ରିକେଟ୍

ବିଶାଖାପାଟଣା ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ’ ଶ୍ରୀଲଙ୍କା ବିପକ୍ଷରେ ୭ ୱିକେଟ୍‌ରେ ବିଜୟୀ ହୋଇଛି । ୫ଟିକିଆ ସିରିଜ୍‌ର ଏହି ଦ୍ୱିତୀୟ ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ୨-୦ରେ ଆଗୁଆ ହୋଇଛି । ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଶ୍ରୀଲଙ୍କା ୯ ୱିକେଟ୍ ବିନିମୟରେ ୧୨୮ରନ୍ ସଂଗ୍ରହ କରିଥିଲା । ୧୨୯ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୧ ଓଭର ୫ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ସେଫାଳି ବର୍ମା ସର୍ବାଧିକ ୩୪ଟି ବଲ୍‌ରୁ ଅପରାଜିତ ୬୯ରନ୍ ସଂଗ୍ରହ କରିଥିଲେ ।

ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୨୬ ତାରିଖରେ ତିରୁବନନ୍ତପୁରମ୍ ଠାରେ ଖେଳାଯିବ । ଚତୁର୍ଥ ଏବଂ ପଞ୍ଚମ ମ୍ୟାଚ୍ ମଧ୍ୟ ତିରୁବନନ୍ତପୁରମ୍ ଠାରେ ଖେଳାଯିବା ନେଇ କାର୍ଯ୍ୟସୂଚୀ ରହିଛି । ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଭାରତ ଶ୍ରୀଲଙ୍କା ମଧ୍ୟରେ ଏହି ୫ଟିକିଆ କ୍ରିକେଟ୍ ସିରିଜ୍‌ର ଆୟୋଜନ କରାଯାଉଛି ।